# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**17 May - 2024**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ଦେଶରେ ସପ୍ତମ ତଥା ରାଜ୍ୟର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ଶେଷ ହେଲା  ପ୍ରାର୍ଥିପତ୍ର ପ୍ରତ୍ୟାହାର

- ଗଞ୍ଜାମ ଜିଲ୍ଲା ଖଲିକୋଟ ହିଂସା ଘଟଣାର ଏସ୍ଆଇଟି ତଦନ୍ତ ନିର୍ଦ୍ଦେଶ; ଏକ ମାସ ମଧ୍ୟରେ ଏସ୍ଆଇଟି ଦାଖଲ କରିବ ତଦନ୍ତ ରିପୋର୍ଟ

- ବିଜେପି, କଂଗ୍ରେସ ଏବଂ ବିଜେଡିର ଷ୍ଟାର୍ ପ୍ରଚାରକମାନେ ରାଜ୍ୟରେ କରୁଛନ୍ତି ନିର୍ବାଚନୀ ପ୍ରଚାର

ଏବଂ

- ଆରବ ସାଗରରୁ ବଙ୍ଗୋପସାଗରକୁ ଶୁଷ୍କ ବାୟୁ ପ୍ରବେଶ କରୁଥିବାରୁ ରାଜ୍ୟରେ ବୃଦ୍ଧିପାଇବ ତାପମାତ୍ରା

## ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ

ରାଜ୍ୟର ଚତୁର୍ଥ ତଥା ଦେଶରେ ସପ୍ତମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ଥିଲା ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ। ଏହି ପର୍ଯ୍ୟାୟରେ ଆସନ୍ତା ମାସ ପହିଲାରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୫୭ଟି ଲୋକସଭା ଆସନ ପାଇଁ ମତଦାନ ହେବ। ସପ୍ତମ ତଥା ଶେଷ ପର୍ଯ୍ୟାୟରେ ଓଡ଼ିଶାର ୬ଟି, ଉତ୍ତର ପ୍ରଦେଶ ଓ ପଞ୍ଜାବରେ ୧୩ଟି ଲେଖାଏଁ ଆସନ, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି,  ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ର ଗୋଟିଏ ଆସନରେ ମତଦାନ ହେବ। ଜୁନ୍ ୪ ତାରିଖରେ ସମସ୍ତ ପର୍ଯ୍ୟାୟର ଭୋଟ ଗଣତି ହେବ।

## ହିଂସାକାଣ୍ଡକୁ ମୁଖ୍ୟ ନିର୍ବାଚନଙ୍କ ଉଦ୍‌ବେଗ

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟରେ ଘଟିଥିବା ହିଂସା ଘଟଣାର ତଦନ୍ତ ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ-ଏସଆଇଟି  ଦ୍ୱାରା କରାଯିବ ବୋଲି ପୁଲିସ୍ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ କହିଛନ୍ତି। ଏସ୍ଆଇଟି ତଦନ୍ତର ମୁଖ୍ୟ ଭାବେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଧାକିଶନ ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି। ଶ୍ରୀ ଶର୍ମା ଛତ୍ରପୁରରେ ଅବସ୍ଥାନ କରି ଗଞ୍ଜାମ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତିର ତଦାରଖ କରିବେ। ଆସନ୍ତା ୧ ମାସ ମଧ୍ୟରେ ଏସ୍ଆଇଟି ଏହି  ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ଦେବ ବୋଲି ପୁଲିସ୍ ମହାନିର୍ଦ୍ଦେଶକ  କହିଛନ୍ତି। ମିଳିଥିବା ସୂଚନା ଅନୁସାରେ, ହତ୍ୟାକାଣ୍ଡରେ ସମ୍ପୃକ୍ତ ୯ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ

ତୁରନ୍ତ ଗିରଫ କରାଯିବା ନେଇ ପୁଲିସ୍ ପକ୍ଷରୁ ବ୍ୟାପକ ତନାଘନା ଜାରି ରହିଛଇ।

ସୂଚନାଯୋଗ୍ୟ, ଖଲ୍ଲିକୋଟ ଅଞ୍ଚଳରେ ଗତ ବୁଧବାର ରାତିରେ ଘଟିଥିବା ହିଂସାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ତିନିଜଣ ଗୁରୁତର ଆହତ ହୋଇ ବ୍ରହ୍ମପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଗତକାଲି ସମ୍ପୃକ୍ତ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ଖଲ୍ଲିକୋଟ ଅଞ୍ଚଳରେ ଉତ୍ତେଜନାକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ୍ ପକ୍ଷରୁ ମୋବାଇଲ୍ ସ୍କ୍ୱାଡ୍ ଉପସ୍ଥିତ ଅଛନ୍ତି। ନିର୍ବାଚନ ପୂର୍ବରୁ ସୃଷ୍ଟି ହୋଇଥିବା ହିଂସା ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହିତ କୌଣସି ପ୍ରକାର ହିଂସାକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଖଲିକୋଟ ଥାନା ଅଞ୍ଚଳରେ ୧୪୪ ଧାରା ବର୍ତ୍ତମାନ ମଧ୍ୟ ବଳବତ୍ତର ରହିଛି।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ୧୯ ତାରିଖ ଦିନ ପହଞ୍ଚିବେ। ଆସନ୍ତା ୨୦ ତାରିଖରେ ପୁରୀ ଗସ୍ତରେ ଆସି ଶ୍ରୀଜୀଉଙ୍କୁ ଦର୍ଶନ କରିବେ । ଏଥିସହିତ ପ୍ରଧାନମନ୍ତ୍ରୀ ପୁରୀ ବଡ଼ଦାଣ୍ଡରେ ଏକ ନିର୍ବାଚନୀ ରୋଡ୍ ଶୋ'ରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ସେହିଦିନ ଅପରାହ୍ଣରେ କଟକଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଅମିତ୍ ଶାହାଙ୍କ ଗସ୍ତ

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଜି ଅପରାହ୍ଣରେ ରାଉରକେଲାରେ ଅନୁଷ୍ଠିତ ଏକ ନିର୍ବାଚନ ସଭାରେ ଯୋଗଦେଇ ରାଜ୍ୟର ବିଜେଡି ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି ବୋଲି କହିଛନ୍ତି। ଆଗାମୀ ଦିନରେ କେନ୍ଦ୍ରରେ ବିଜେପି ସରକାର ଗଠନ ହେବା ସହ ରାଜ୍ୟରେ ମଧ୍ୟ ବିଜେପି ସରକାର ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରାଜ୍ୟ ଏବଂ କେନ୍ଦ୍ରରେ ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେଇ ଏକ ସ୍ଥିର ସରକାର ଗଠନ କରିବା ପାଇଁ ଜନସାଧାରଣଙ୍କୁ ଶ୍ରୀ ଶାହା ନିବେଦନ କରିଛନ୍ତି। **କଟକ** ଜିଲ୍ଲା ନରସିଂହପୁରଠାରେ ବିଜେପିର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିଛନ୍ତି। ଆସାମ ମୁଖ୍ୟମନ୍ତ୍ରୀ ଡକ୍ଟର **ହିମନ୍ତ ବିଶ୍ୱଶର୍ମା** ବଲାଙ୍ଗିର ଜିଲ୍ଲା ଗସ୍ତରେ ଯାଇ କଣ୍ଟାବାଞ୍ଜିଠାରେ ଆୟୋଜିତ ବିଜେପିର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇଥିଲେ। ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

## ଦଳୀୟ ପ୍ରଚାର-ମୁଖ୍ୟମନ୍ତ୍ରୀ

ବିଜେଡ଼ି ଦଳର ସଭାପତି ତଥା **ମୁଖ୍ୟମନ୍ତ୍ରୀ** ନବୀନ ପଟ୍ଟନାୟକ ଆଜି ଅନୁଗୁଳ ଏବଂ ସମ୍ବଲପୁରଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଭୋଟରମାନଙ୍କୁ ଅବଗତ କରାଇବା ସହିତ ତାଙ୍କ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

## ନିର୍ବାଚନ-ଖୋର୍ଦ୍ଧା

ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଆସନ୍ତା ୨୫ ତାରିଖରେ ଭୁବନେଶ୍ୱର ଲୋକସଭା ଆସନ ଏବଂ ୮ଟି ବିଧାନସଭା ଆସନ ପାଇଁ ଭୋଟ୍‌ଗ୍ରହଣ କରାଯିବ।

ଖୋର୍ଦ୍ଧା ଜିଲ୍ଲାର ନିର୍ବାଚନ ସ୍ଥିତି ନେଇ ଆମ ସମ୍ବାଦଦାତା **ଶୁଭ୍ର ରଞ୍ଜନ ଦାସ**ଙ୍କ ରିପୋର୍ଟ....

**- V/O -**

## ଉଚ୍ଚ ରକ୍ତଚାପ ଦିବସ

ଉଚ୍ଚ ରକ୍ତଚାପ–ହାଇ ବ୍ଲଡ୍ ପ୍ରେସର୍‌ର ପ୍ରତିରୋଧ, ଚିହ୍ନଟ ଓ ନିୟନ୍ତ୍ରଣକୁ ନେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳନ କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୨୦୦୬ ମସିହାରୁ ପ୍ରତିବର୍ଷ ମଇ ୧୭ ତାରିଖରେ ଏହି ଦିବସ ପାଳନ କରାଯାଉଛି। ଶରୀରର ଧମନୀ ଓ ମୁଖ୍ୟ ରକ୍ତବାହିକା ଗୁଡ଼ିକର ୱାଲ୍‌ରୁ ବିପରୀତ ସଂଚାଳିତ ରକ୍ତ ଦ୍ୱାରା ନିର୍ଗତ ବଳ ହେଉଛି ଉଚ୍ଚ ରକ୍ତଚାପ । ହୃତ୍‌ପିଣ୍ଡର ସଂକୁଚିତ ବା ସ୍ପନ୍ଦିତ ପ୍ରକ୍ରିୟା ରକ୍ତବାହିକାରେ ଚାପ ଏହା ଅନୁସାରେ ହୋଇଥାଏ । ଚଳିତବର୍ଷର ବିଶ୍ୱ ଉଚ୍ଚ ରକ୍ତଚାପ ଦିବସର ବାର୍ତ୍ତା ହେଉଛି **ନିର୍ଭୁଲ ଭାବେ ନିଜର ରକ୍ତଚାପ ମାପନ୍ତୁ, ଏହାକୁ ନିୟନ୍ତ୍ରଣରେ ରଖନ୍ତୁ ଏବଂ ଦୀର୍ଘଜୀବୀ ହୁଅନ୍ତୁ।**

## ମତଦାନ-ପୁରୀ

**ପୁରୀ** ନିର୍ବାଚନମଣ୍ଡଳୀରେ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ଘରୋଇ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ସ୍ୱତନ୍ତ୍ର ପୁଲିଂ ଟିମ୍ ଭିନ୍ନକ୍ଷମ ଏବଂ ୮୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଘରେ ପହଞ୍ଚି ମତଦାନ ସଂଗ୍ରହ କରିଛନ୍ତି। ବାଲାଟ ପେପର ମାଧ୍ୟମରେ ଏହି ମତଦାନ ଅନୁଷ୍ଠିତ ହେଉଛି।

## ନିର୍ବାଚନ-କେନ୍ଦ୍ରାପଡ଼ା

କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଆଜି ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ପୁଲିସ୍ ଅଧିକ୍ଷକ ସିଦ୍ଧାର୍ଥ କଟାରିୟା ସାମ୍ବାଦିକମାନଙ୍କୁ କହିଛନ୍ତି, ଜୁନ୍ ୧ ତାରିଖରେ ହେବାକୁ ଥିବା ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରାଯିବ। କେନ୍ଦ୍ରାପଡ଼ା ଜିଲ୍ଲାରେ ଗୋଟିଏ ଲୋକସଭା ଆସନ ଏବଂ ୫ଟି ବିଧାନସଭା ଆସନ ପାଇଁ ମୋଟ୍ ୫୦ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି ବୋଲି ସାମ୍ବାଦିକ ମାନଙ୍କୁ ଜିଲ୍ଲାପାଳ କହିଛନ୍ତି।

## ପ୍ରାର୍ଥିପତ୍ର ପ୍ରତ୍ୟାହାର

ଭଦ୍ରକ ଜିଲ୍ଲାରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନରେ ଆଜି ଲୋକସଭା ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ସ୍ୱାଧୀନ ପ୍ରାର୍ଥୀ ଲକ୍ଷ୍ମୀକାନ୍ତ ମଲ୍ଲିକ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି।

ଆମ ସମ୍ବାଦଦାତାଙ୍କ ସୂଚନା ଅନସାରେ, ଶ୍ରୀ ମଲ୍ଲିକ ଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀଙ୍କଠାରେ ଉପସ୍ଥିତ ରହି ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଜିଲ୍ଲାରେ ଗୋଟିଏ ଲୋକସଭା ଓ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ

ମୋଟ୍ ୫୪ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ୍ ରହିଛି । ଭଦ୍ରକ ଲୋକସଭା ପାଇଁ ୮ ଜଣ ପ୍ରାର୍ଥୀ ରହିଥିବାବେଳେ ଭଦ୍ରକ ଓ ଧାମନଗର ବିଧାନସଭା ଆସନ ପାଇଁ ୮ ଜଣ ଲେଖାଏଁ, ବାସୁଦେବପୁର ପାଇଁ ୭ ଜଣ ଭଣ୍ଡାରିପୋଖରୀ ପାଇଁ ୧୩ ଜଣ ଏବଂ ଚାନ୍ଦବାଲି ବିଧାନସଭା ପାଇଁ ୧୦ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ରହିଛନ୍ତି ।

## ଅସ୍ତ୍ରଶସ୍ତ୍ର କଟକଣା

**କନ୍ଧମାଳ** ଜିଲ୍ଲାରେ ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି କୌଣସି ଅପରାଧିକ ଘଟଣା ଘଟିବାର ଆଶଙ୍କା କରି ପୁଲିସ୍ ପକ୍ଷରୁ ପ୍ରତିଷେଧକ ମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆସନ୍ତାକାଲି ଅପରାହ୍ନ ୫ଟା ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ପୋଲିଂ ବୁଥଠାରୁ ୨୦୦ ମିଟର ମଧ୍ୟରେ ପୋଲିଂ ଅଧିକାରୀ, ପୋଲିସ ଅଧିକାରୀ ଓ ଭୋଟରଙ୍କ ବ୍ୟତୀତ ଅନ୍ୟମାନେ ଉପସ୍ଥିତ ରହିପାରିବେ ନାହିଁ ବୋଲି ପ୍ରଶାସନ ତରଫରୁ କଟକଣା ଜାରି କରାଯାଇଛି ।

## ନିର୍ବାଚନ-ମକ୍‌ଡ୍ରିଲ୍

**ବୌଦ୍ଧ** ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ କନ୍ଧମାଳ ଲୋକସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୦ ତାରିଖ ଦିନ ମତଦାନ ଅନୁଷ୍ଠିତ ହେବାକୁ ଥିବାବେଳେ ଜିଲାରେ ନିର୍ବାଚନ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଭୋଟଗ୍ରହଣ କାର୍ଯ୍ୟ ପରିଚାଳନାରେ ନିୟୋଜିତ କର୍ମଚାରୀମାନେ ଆବଶ୍ୟକ ସାମଗ୍ରୀ ନେଇ ମତଦାନ କେନ୍ଦ୍ରକୁ ଆସନ୍ତାକାଲିଠାରୁ ଯିବେ । ନିର୍ବାଚନ ଯେପରି ତ୍ରୁଟିଶୂନ୍ୟ ଓ ସୁରୁଖୁରୁରେ ହେବ ସେ ନେଇ ପ୍ରଶାସନ ପକ୍ଷରୁ ଆଜି ମକଡ୍ରିଲ କରାଯାଇଥିଲା ।

## ବୁଝାମଣାପତ୍ର ସ୍ୱାକ୍ଷରିତ

ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଏବଂ ଚେନ୍ନାଇସ୍ଥିତ ଏକ ଘରୋଇ କମ୍ପାନୀ ମଧ୍ୟରେ  ସ୍ଥାୟୀ ଶକ୍ତି ସମାଧାନ ସମ୍ପର୍କରେ ବିଶେଷ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଏହି ବୁଝାମଣାପତ୍ରରେ ପ୍ରାଥମିକ ସ୍ତରରେ ନଦୀ ଉପକୂଳ ଓ ଏହାର କ୍ଷୟ ସମ୍ପର୍କିତ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବ। ଯେଉଁଥିରେ ଉପକୂଳ ଭୂମିର ସ୍ଥିରତା ଓ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଗବେଷଣା କରାଯିବ। ଚେନ୍ନାଇସ୍ଥିତ ଘରୋଇ କମ୍ପାନୀ ଏହି କେନ୍ଦ୍ର ସକାଶେ ଆବଶ୍ୟକ ଉପକରଣ କ୍ରୟ ପାଇଁ ଆଂଶିକ ପାଣ୍ଠି ପ୍ରଦାନ କରିବ ବୋଲି ଜଣାପଡିଛି।

## ପାଣିପାଗ

ଦକ୍ଷିଣ ଗୋଲାର୍ଦ୍ଧ ବିଷୁବରେଖା ଅତିକ୍ରମ କରୁଥିବା ଶୁଷ୍କବାୟୁ ଆରବ ସାଗରକୁ ପ୍ରବେଶ କରୁଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଆରବ ସାଗରରୁ ଏହି ଶୁଷ୍କବାୟୁ ବଙ୍ଗୋପସାଗରରେ ପହଞ୍ଚୁଥିବାରୁ ଆସନ୍ତା  ୩ରୁ ୪ ଦିନ ମଧ୍ୟରେ ଦିନ ତାପମାତ୍ରା ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଏହି ସମୟ ମଧ୍ୟରେ କେତେକ ଜିଲ୍ଲାରେ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଚାନ୍ଦବାଲି ଓ ନୂଆପଡାକୁ ଛାଡିଦେଲେ ରାଜ୍ୟର ସମସ୍ତ ଅଂଚଳର ତାପମାତ୍ରା ୪୦ ଡିଗ୍ରୀରୁ କମ୍ ଥିଲା।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି ଏବଂ ନବରଙ୍ଗପୁରରେ କାଳବୈଶାଖୀର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ କହିଛି ।

*********************************